ସଂପ୍ରସାରଣ ପୁସ୍ତିକା/୨୦୧୪-୧୫

# କ୍ଷେତ ଫସଲରେ ସମନ୍ୱିତ ଘାସ ପରିଚାଳନା




ଲେଖକ ଓ ସମ୍ପାଦକ

ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ

ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ମୁଖ୍ୟ ସମ୍ପାଦକ

ଡଃ. ଦେବବ୍ରତ ପାଣିଗ୍ରାହୀ

କାର୍ଯ୍ୟକ୍ରମ ସଂଯୋଜକ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୩


ICAR

**ଲେଖକ ଓ ସମ୍ପାଦକ**

ଶ୍ରୀ ତୀର୍ଯ୍ୟକ କୁମାର ସାମନ୍ତ
ବିଷୟବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ପ୍ରକାଶକ**

କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

**ମୁଦ୍ରଣ:**

ଓଁ ମା ପ୍ରିଣ୍ଟର୍ସ, ଅନୁଗୋଳ
ମୋ: ୯୮୬୧୦୮୮୧୬୯

ଅନୁଗୋଳ ଜିଲ୍ଲାରେ ମୂଖ୍ୟ ଶସ୍ୟଜାତୀୟ ଫସଲ ଯଥା ଧାନ, ମକା, ଡ଼ାଲି ଜାତୀୟ ଫସଲ ଯଥା ହରଡ଼, ମୁଗ, ବିରି, ତୈଳବୀଜ ଜାତୀୟ ଫସଲ ଯଥା ରାଶି, ଚିନାବାଦାମ, ସୋରିଷ ଓ ଅର୍ଥକାରୀ ଫସଲ ଯଥା ଆଖୁ ଚାଷ କରାଯାଇଥାଏ । ଏହି ଫସଲଗୁଡ଼ିକରେ ଘାସ ଏକ ମୁଖ୍ୟ ସମସ୍ୟା ଯାହାଦ୍ୱାରା ଶତକଡ଼ା ୨୦-୪୫ ଭାଗ ପର୍ଯ୍ୟନ୍ତ ଫସଲର ଅମଳ କମି ଯାଇଥାଏ । ମଞ୍ଜି ବୁଣିବାର ୨-୬ ସପ୍ତାହ ପର୍ଯ୍ୟନ୍ତ ଫସଲର ଘାସ ସହିତ ପ୍ରତିଯୋଗିତା ହୋଇଥାଏ । ଅନାବନା ଘାସ କେବଳ ଖାଦ୍ୟ, ଜଳ ଓ ଆଲୋକ ପାଇଁ ଫସଲ ସହ ପ୍ରତିଯୋଗିତା କରେ ନାହିଁ, ଫସଲ ଅମଳରେ ମଧ୍ୟ କୁପ୍ରଭାବ ପକାଇଥାଏ । ଫସଲର ପ୍ରାରମ୍ଭିକ ଅବସ୍ଥାରେ ( ୪୦ ଦିନ ପର୍ଯ୍ୟନ୍ତ) ଫସଲ ଧୀର ଭାବରେ ବଢୁଥିବାରୁ, ଅନାବନା ଘାସ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ତେଣୁ ଏହି ସମୟରେ ଯଦି ଘାସ ଦମନ କରାଯାଏ ତା ହେଲେ ଅମଳ ଶତକଡ଼ା ୨୦-୩୦ ଭାଗ ବୃଦ୍ଧି ପାଇଥାଏ । ହାତରେ ଘାସ ବଛା ସମୟ ସାପେକ୍ଷ, ଖର୍ଚ୍ଚ ବହୁଳ ହୋଇଥିବାରୁ ରାସାୟନିକ ତୃଣନାଶକ ଔଷଧ ବ୍ୟବହାର ସହିତ ଯାନ୍ତ୍ରିକ ବା ଜୈବିକ ପ୍ରଣାଳୀରେ ସମନ୍ୱିତ ଘାସ ଦମନ କଲେ ଅପେକ୍ଷାକୃତ ଫଳପ୍ରଦ ଘାସ ଦମନ ହୋଇପାରିବ ।

**ଫସଲରେ ଦେଖାଯାଉଥିବା ଅନାବନା ଘାସ**

ଫସଲରେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଅନାବନା ଘାସ ଦେଖା ଯାଇଥାଏ । ସେଗୁଡ଼ିକୁ ମୁଖ୍ୟତଃ ୩ ଭାଗରେ ବିଭକ୍ତ କରାଯାଇଥାଏ, ଯଥା - ଏକ ବୀଜପତ୍ରୀ, ଦ୍ୱିବୀଜ ପତ୍ରୀ ଓ ବୁଦା ଜାତୀୟ ।

ଏକ ବୀଜପତ୍ରୀ ଘାସ - ଦୁବ, ସୁଆଁ, ବନ ମାଣ୍ଡିଆ, କଙ୍କଡ଼ା ଗୋଡ଼ିଆ, ରେଗେଡ଼ା, କୋଡ୍ରୋ, କାଉ ଗୋଡ଼ିଆ

ଦ୍ୱିବୀଜ ପତ୍ରୀ ଘାସ - ଲହଙ୍ଗା, କଂଟା ଲେଉଟିଆ, ପଥରା ଛଟା, ଅଣ ସୋରିଷ, ମଦରଙ୍ଗା, ପୋକ ସୁଙ୍ଗ

ବୁଦା ଜାତୀୟ ଘାସ - ମୁଥା, ଗାଜର, ଗାଇଚିରା, ଜୁଆଣିଆ

**ଘାସ ଦମନ ପଦ୍ଧତି**

ସାଧାରଣତଃ ୨ ପ୍ରକାର ପଦ୍ଧତିରେ ଘାସ ଦମନ କରାଯାଏ ।

(କ) ପ୍ରତିଷେଧକ ପ୍ରଣାଳୀ (ଖ) ନିୟନ୍ତ୍ରଣ ପ୍ରଣାଳୀ

**(କ) ପ୍ରତିଷେଧକ ପ୍ରଣାଳୀ**

ଏହି ପ୍ରଣାଳୀରେ ଘାସ ପ୍ରବେଶ ଓ ବୃଦ୍ଧିକୁ ପ୍ରତିରୋଧ କରିବା ସହିତ ଘାସ ମଞ୍ଜିକୁ ନଷ୍ଟ କରାଯାଏ । ଏହି ପ୍ରଣାଳୀରେ

- ପରିଷ୍କାର ଓ ନିରୋଳା ବିହନ ବ୍ୟବହାର କରାଯାଏ ।
- ଭଲଭାବରେ ସଢିଥିବା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରାଯାଏ ।
- ଘାସ ଗଛରେ ଫୁଲ ହେବା ପୂର୍ବରୁ ସେଗୁଡ଼ିକୁ ନଷ୍ଟ କରିଦେବା ଉଚିତ ।
- ଜଳ ସେଚନ ଓ ଜଳ ନିଷ୍କାସନ ନାଳୀ ଗୁଡ଼ିକୁ ସଫା ରଖିବା ଓ ଘାସ ମଞ୍ଜିକୁ ମୁକ୍ତ ରଖିବା ।
- ଘାସ ଥିବା ଜମିରୁ ମାଟି ଆଣି ଫସଲ ଚାଷ ଜମିରେ ବ୍ୟବହାର କରିବା ଅନୁଚିତ ।
- ଘାସ ଥିବା ଜମିରୁ ସଫା ଚାଷ ଜମିକୁ ଗାଈ ଗୋରୁ ଯାତାୟତ ବନ୍ଦ କରିବା ।
- ଘାସ ଥିବା ଜମିରେ ବ୍ୟବହୃତ କୃଷି ଯନ୍ତ୍ରପାତି ଓ କୃଷି ଉପକରଣକୁ ଭଲ ଭାବରେ ସଫା କରି ଫସଲ ଚାଷ ଜମିରେ ବ୍ୟବହାର କରିବା ।
- ବିଲର ହିଡ଼, ବାଡ଼ ତଥା ରାସ୍ତାକୁ ଘାସ ମୁକ୍ତ ରଖିବା ।
- ମୁଖ୍ୟ କିଆରୀରେ ରୋଇବା ପୂର୍ବରୁ ତଳି କିଆରିରେ ଯେପରି ଫସଲ ତଳି ସହିତ ଘାସ ତଳି ନ ମିଶେ ସେହିପରି ଯତ୍ନ ନେବା ଉଚିତ ।
- ଗୋଖାଦ୍ୟ ରୂପେ ବ୍ୟବହୃତ ଘାସର ମଞ୍ଜିକୁ ଗୁଣ୍ଡ ବା ନଷ୍ଟ କରି ଗାଈ ଗୋରୁକୁ ଖୁଆଇବା ଉଚିତ ।

**(ଖ) ନିୟନ୍ତ୍ରଣ ପ୍ରଣାଳୀ**

ଏହି ପ୍ରଣାଳୀରେ ଅନାବନା ଘାସ ବୃଦ୍ଧି ଓ ବିସ୍ତାର ପୂର୍ବରୁ ତାକୁ ଦମନ କରାଯାଏ । ଏହା ମୁଖ୍ୟତଃ ୩ ପ୍ରକାରର । ଯଥା -

**(୧) ଯାନ୍ତ୍ରିକ ନିୟନ୍ତ୍ରଣ**

- ଖରାଟିଆ ଚାଷ
- ଫସଲ ପରବର୍ତ୍ତୀ କୋଡ଼ାଖୁସା

- ହାତରେ ଘାସ ବାଛିବା
- ଦାଆରେ କାଟିଦେବା
- ରାମ୍ପିବା
- ଚାଞ୍ଛିବା
- ପୋଡ଼ିଦେବା
- ଅଧିକ ପାଣି ମଡ଼ାଇଦେବା
- ମାଟିକୁ ଆଚ୍ଛାଦିତ କରିବା ଦ୍ୱାରା ଘାସ ଦମନ କରାଯାଇପାରେ ।

## (୨) କର୍ଷଣ ନିୟନ୍ତ୍ରଣ

କର୍ଷଣ ନିୟନ୍ତ୍ରଣ କେବଳ ଘାସ ଦମନ କରେ ନାହିଁ । ଏହା ଘାସ ସଂଖ୍ୟା କମାଇବା ସହିତ ଫସଲ ଓ ଘାସ ମଧ୍ୟରେ ହୋଇଥିବା ପ୍ରତିଯୋଗିତାକୁ କମାଇବାରେ ସହାୟକ ହୋଇଥାଏ । ଏହି ପ୍ରଣାଳୀ ସହ ଯାନ୍ତ୍ରିକ ଓ ରାସାୟନିକ ନିୟନ୍ତ୍ରଣର ଉପଯୁକ୍ତ ମିଶ୍ରଣ ଫଳପ୍ରଦ ଘାସ ଦମନ ପାଇଁ ଆବଶ୍ୟକ ହୋଇଥାଏ ।

### ଫସଲ ପର୍ଯ୍ୟାୟ

ଏକ ପ୍ରକାର ଫସଲ ଗୋଟିଏ ଜମିର ବାରମ୍ବାର କରିବାଦ୍ୱାରା ଏକ ନିର୍ଦ୍ଦିଷ୍ଟ ଘାସର ପ୍ରଭାବ ବଢିଥାଏ । ପ୍ରତି ଋତୁରେ ଫସଲ ବଦଳାଇବା ଦ୍ୱାରା ଘାସ ବୃଦ୍ଧିରେ ବାଧା ସୃଷ୍ଟି ହୁଏ । ତେଣୁ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ଉଚିତ୍ ।

### ଫସଲ ପ୍ରକାର

ଚାଷ ଜମିକୁ ଘୋଡ଼ାଇ ରଖୁଥିବା ଫସଲ ଯଥା ଛଣି, କନ୍ଦମୂଳ ଅନା ବନା ଘାସ ବୃଦ୍ଧିକୁ ଧୀର କରିଦିଏ । ଅଳ୍ପ ସମୟ ମଧ୍ୟରେ ଏହା ଶୀଘ୍ର ଜମିକୁ ଘୋଡ଼ାଇ ରଖେ ଓ ଘାସକୁ ଦମନ କରିଦିଏ ।

### ସାର ବ୍ୟବହାର

ଫସଲକୁ ଉପଯୁକ୍ତ ସାର ଉପଯୁକ୍ତ ସମୟରେ ଦେବା ଦ୍ୱାରା ଫସଲ ଶୀଘ୍ର ବଢିଥାଏ ଓ ଘାସ କମିଥାଏ । ଯବକ୍ଷାରଜାନ ସାରକୁ ଫସଲରେ ଗଛ ମୂଳରେ ଚଉରା କରି ପ୍ରୟୋଗ କରିବା ଦ୍ୱାରା ଫସଲର ବୃଦ୍ଧି ସହିତ ଘାସ ସହିତ ପ୍ରତିଯୋଗିତା କମିଥାଏ ।

ତା' ଛଡ଼ା ରାସାୟନିକ ସାର ଯଥା କ୍ୟାଲସିୟମ ନାଇଟ୍ରେଟ୍, ଆମୋନିୟମ ସଲ୍‌ଫେଟ୍ ସିଧା ସଲଖ ଘାସକୁ ନଷ୍ଟ କରିଦିଏ ।

**ବୁଣିବା ସମୟ ଓ ବିହନ ପରିମାଣ**

ଅଧିକ ପରିମାଣ ବିହନ ବୁଣିଲେ ଘାସ କମ୍ ହୁଏ । ଠିକ ସମୟରେ ଆବଶ୍ୟକ ପରିମାଣର ବିହନ ବୁଣିଲେ ଫସଲ ଜମିକୁ ଘୋଡ଼ାଇ ରଖେ ଓ ଘାସ ସୂର୍ଯ୍ୟାଲୋକ ପାଇବାରୁ ବଞ୍ଚିତ ହୋଇଥାଏ ଓ ଦମନ ହୋଇଥାଏ ।

**ଉପଯୁକ୍ତ ଗଛ ସଂଖ୍ୟା ଓ ଅଳ୍ପ ବ୍ୟବଧାନ**

ଚାଷ ଜମିରେ ଉପଯୁକ୍ତ ଗଛ ସଂଖ୍ୟା ଓ ଗଛକୁ ଗଛ ଅଳ୍ପ ବ୍ୟବଧାନ ରହିଲେ ଅନାବନା ଘାସ ସହିତ ଫସଲର ପ୍ରତିଯୋଗିତା କମିଥାଏ ଓ ଘାସ ଦମନ ହୋଇଥାଏ ।

**ଚାଷ ଜମି ହୁଡାର ଆୟତନ କମିବା ଦ୍ୱାରା**

ସାଧାରଣତଃ ଚାଷଜମି ଓ ଜଳସେଚନ ନାଳୀରେ ଉଠୁଥିବା ଅନାବନା ଘାସ ପ୍ରତି ଚାଷୀ ବିଶେଷ ଧ୍ୟାନ ଦେଇ ନ ଥାଏ । ତେଣୁ ଜମି ହୁଡ଼ା ଓ ଜଳସେଚନ ନାଳୀର ଆୟତନ କମେଇବା ଦ୍ୱାରା ଘାସ ଦମନ ହୋଇଥାଏ ।

**ଖରାଟିଆ ପ୍ରାକ୍ ଫସଲ ଚାଷ**

ରବି ଫସଲ ପରେ ଗଭୀର ଚାଷ ଦ୍ୱାରା ଅନାବନା ଘାସର ଚେର ନଷ୍ଟ ହୋଇଥାଏ । ପ୍ରଚଣ୍ଡ ସୂର୍ଯ୍ୟାଲୋକ ପଡ଼ିବା ଦ୍ୱାରା ବାର୍ଷିକ ଓ ସ୍ଥାୟୀ ସବୁପ୍ରକାରର ଘାସ ନଷ୍ଟ ହୋଇଥାଏ ।

**ତାପିକରଣ**

ସ୍ୱଚ୍ଛ ପ୍ଲାଷ୍ଟିକ ଚାଦର ବା ଆସ୍ତରଣ ଦ୍ୱାରା ମାଟିର ତାପମାତ୍ରା ୫ ରୁ ୧୦° ସେଲସିୟସ ବଢିଥାଏ । ୪ ସପ୍ତାହ ରୁ ବେଶୀ ସମୟ ଜମିକୁ ପଡ଼ିଆ ରଖାଯାଏ । ଯାହାଦ୍ୱାରା ଘାସର ଗଜା କ୍ଷମତା ଶତକଡ଼ା ୮୦ ଭାଗ କମିଯାଇଥାଏ ।

**ଅନ୍ତଃଫସଲ ଚାଷ**

ବିଭିନ୍ନ ପ୍ରକାର ଫସଲ ଅନ୍ତଃଚାଷ କରିବା ଦ୍ୱାରା ଦୁଇ ଧାଡ଼ି ମଧ୍ୟରେ ଥିବା ଘାସ ବଢ଼ି ପାରି ନ ଥାଏ ।

### ଷ୍ଟାଲ ମଞ୍ଜି କିଆରୀ

ରୋଇବା ବା ବୁଣିବା ପୂର୍ବରୁ ଜମିକୁ ୧-୨ ପରସ୍ତ ମଇଦେଲେ ବିଦାରି ଘାସ ନଷ୍ଟ କରାଯାଇଥାଏ । ଜଳସେଚନ କିମ୍ବା ବର୍ଷାଜଳ ଦ୍ୱାରା ଜମିକୁ ପୁରାଇ ରଖାଯାଏ ଓ ଘାସ ଗଜା ହେବାକୁ ଦିଆଯାଏ । ଏହାପରେ ଏ ଘାସକୁ ବ୍ଲେଡ୍ ହ୍ୟାରୋ ଦ୍ୱାରା ନଷ୍ଟ କରିଦିଆଯାଏ । ଆବଶ୍ୟକ ପଡ଼ିଲେ ଗ୍ଲାଇଫୋସେଟ୍ କିମ୍ବା ପାରାକ୍ୟୁଏଟ୍ ବ୍ୟବହାର କରାଯାଏ ।

### (୩) ଜୈବ ନିୟନ୍ତ୍ରଣ

ଘାସ ଦମନ କରିବା ପାଇଁ ଜୈବିକ ପଦାର୍ଥ ବ୍ୟବହାର କରାଯାଇଥାଏ । ଗଛ, ଜୀବ ଓ ଅଣୁଜୀବ ମାନଙ୍କୁ ଘାସ ଦମନ କରିବା ପାଇଁ ବ୍ୟବହାରା କରାଯାଇ ପାରେ । ସେଗୁଡ଼ିକୁ ଜୈବ ପରିଚାଳକ ବା ଦୂତ କୁହାଯା, ଯାହାକି କେବଳ ଅନାବନା ଘାସକୁ ଖାଇଯାଏ ଓ ଫସଲକୁ ଖାଇ ନଥାଏ । ଉଦାହରଣ ସ୍ୱରୂପ - ଦକ୍ଷିଣ ଭାରତରେ ନାଗଫଣା ଘାସ ଏକ ପ୍ରକାର କୀଟ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ । ଅଷ୍ଟ୍ରେଲିଆର ହାୱାଇ ଦ୍ୱୀପପୁଞ୍ଜରେ ଏକ ପ୍ରକାର ଘାସ  ନାଗ ଅଇରି ଦମନ କରିବା ପାଇଁ ବିଭିନ୍ନ ପ୍ରକାର ପ୍ରଜାପତି ବ୍ୟବହାର କରାଯାଏ, ଯାହାକି ଘାସର ଫୁଲ ଓ ଫଳ ସବୁ ଖାଇଥାଏ । ଯଦି ଠିକ୍ ପ୍ରକାରର ପରାଶ୍ରୟୀ ଓ ପରଜୀବୀ (ଯେଉଁମାନେ କି ଯେ କୌଣସି ପ୍ରତିକୂଳ ପରିସ୍ଥିତି ରେ ମଧ୍ୟ ଫସଲକୁ ଖାଇଯିବେ ନାହିଁ) ବ୍ୟବହାର କରାଯାଏ । ଏହି ପ୍ରଣାଳୀ ସବୁଠାରୁ କାର୍ଯ୍ୟକ୍ଷମ ଓ ଲାଭଦାୟକ ହୋଇପାରିବ । ସରଗମ୍ ମଧ୍ୟରେ ଝୁଡୁଙ୍ଗ ଲଗାଇଲେ ଘାସ ଦମନ ହୋଇଥାଏ । ବିଲାତି ଦଳ ଏକ ପ୍ରକାର କବକ ରାଇଜୋକ୍ଟିନିଆ ବ୍ଲାଇଟ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ । କାର୍‌ପ ଜାତୀୟ ମାଛ ବିଭିନ୍ନ ପୋଖରୀ ଜଳ ବା ଘାସକୁ ଦମନ କରିଥାଏ ।

### (୪) ରାସାୟନିକ ନିୟନ୍ତ୍ରଣ

ରାସାୟନିକ ନିୟନ୍ତ୍ରଣ ପ୍ରଣାଳୀରେ ରାସାୟନିକ ଔଷଧ ବ୍ୟବହାର କରି ଅନାବନା ଘାସ ଦମନ କରାଯାଏ । ଯେଉଁ ଔଷଧ ଅନାବନା ଘାସ ବୃଦ୍ଧି ଦମନ କରେ ଓ ଘାସକୁ ନଷ୍ଟ କରିଦିଏ, ତାକୁ ତୃଣ ନାଶକ କୁହାଯାଏ । ଯଦି ଏହା ଶସ୍ତା ଓ ସହଜରେ ମିଳିଥାଏ,

ତା ହେଲେ ଏହି ପ୍ରଣାଳୀ ଖୁବ୍ ଫଳପ୍ରଦ ହୋଇଥାଏ ।

**ତୃଣ ନାଶକ ଔଷଧ**

ଏହା ମୂଖ୍ୟତଃ ୫ ପ୍ରକାରର

(କ) ନିର୍ଦ୍ଧାରିତ ତୃଣନାଶକ - ଏହା ଫସଲକୁ ନଷ୍ଟ ନ କରି କେବଳ ଘାସକୁ ନଷ୍ଟ କରିଥାଏ ।

(ଖ) ଅନିର୍ଦ୍ଧାରିତ ତୃଣନାଶକ - ଏହା ସବୁ ପ୍ରକାରର ଗଛ( ଘାସ ଓ ଫସଲ) କୁ ନଷ୍ଟ କରିଦିଏ ।

(ଗ) ସ୍ପର୍ଶ ତୃଣନାଶକ - ଏହି ଔଷଧ ସଂସ୍ପର୍ଶରେ ଆସୁଥିବା ଗଛର ଅଂଶ ନଷ୍ଟ କରିଦିଏ ଓ ସିଧା ଗଛର କୋଷକୁ ମାରିଦିଏ । ଏହା କେବଳ ବାର୍ଷିକ ଛୋଟ ଗଛ ପାଇଁ ଉପଯୁକ୍ତ କିନ୍ତୁ ସ୍ଥାୟୀ ଗଛ ପାଇଁ ନୁହେଁ ।

(ଘ) ସର୍ବାଙ୍ଗ ଭେଦୀ ତୃଣନାଶକ - ଏହି ଔଷଧ ଗଛର ଚେର ଦ୍ୱାରା ଗଛର ସବୁଜାଂଶରେ ଶୋଷି ହୋଇଯାଏ । ପରବର୍ତ୍ତୀ କାଳରେ ଗଛର ଅନ୍ୟ ଅଂଶକୁ ପରିବହନ ହୋଇଥାଏ । ଗଭୀର ଚେର ଥିବା ସ୍ଥାୟୀ ଗଛ ପାଇଁ ଏହା ବେଶୀ ଫଳପ୍ରଦ ।

(ଙ) ମୃତ୍ତିକା ବନ୍ଧ୍ୟାକାରକ - ଏହା ଏକ ଅନିର୍ଦ୍ଧାରିତ ତୃଣନାଶକ ଯାହାକି ମାଟିରେ ପ୍ରୟୋଗ କରାଯାଏ । ଏହା ମାଟିକୁ ବନ୍ଧ୍ୟା କରିଦିଏ ଓ ମାଟିକୁ ଗଛର କୌଣସି ପ୍ରକାର ବୃଦ୍ଧିରେ ସହାୟକ ହେବାରେ ଅସମର୍ଥ କରିଦିଏ । ଏହିପରି ଭାବରେ ମାଟିରେ ଥିବା ଘାସ ମଞ୍ଜି ବା ଚାରା ମରି ଯାଇଥାନ୍ତି ।

ଘାସ ଗଜା ବାହାରିବା ସମୟକୁ ଦେଖି ତୃଣନାଶକ ଔଷଧକୁ ୩ ଭାଗରେ ବିଭକ୍ତ କରଯାଇଛି ।

(୧) **ମଞ୍ଜି ବୁଣିବା ପୂର୍ବରୁ** - ଏହି ତୃଣନାଶକ ମଞ୍ଜି ବୁଣିବାର ୧ ରୁ ୨ ଦିନ ପୂର୍ବରୁ ପ୍ରୟୋଗ କରାଯାଇଥାଏ ଯଥା - ଟ୍ରାଇଫ୍ଲୁରାଲିନ୍

(୨) **ଘାସ ଗଜା ହେବା ପୂର୍ବରୁ** - ମଞ୍ଜି ବୁଣିବାର ୧ ରୁ ୩ ଦିନ ମଧ୍ୟରେ ଓ ଘାସ ଗଜା ହେବା ପୂର୍ବରୁ ପ୍ରୟୋଗ କରାଯାଏ । କେବଳ ନିର୍ଦ୍ଧାରିତ ତୃଣନାଶକ ବ୍ୟବହାର କରାଯାଏ । ସାଧାରଣତଃ ଗଜା ହୋଇଥିବା ଘାସକୁ ମାରି ଦେଇଥାଏ ଓ ପ୍ରାରମ୍ଭିକ

ଅବସ୍ଥାରେ ଗଛକୁ ଘାସ ସହ ପ୍ରତିଯୋଗିତା କମିବାର ଲାଭ ମିଳିଥାଏ, ଯଥା - ଆଲାକ୍ଲୋର, ଅକ୍ସିଫ୍ଲୁରୋଫେନ, ପେଣ୍ଡିମିଥାଲିନ।

(୩) **ଘାସ ଗଜା ହେବା ପରେ** - ଘାସ ଗଜା ହେବାପରେ ଏହି ତୃଣନାଶକ ବ୍ୟବହାର କରାଯାଇଥାଏ । ଯେତେବେଳେ ଗଛର ଔଷଧକୁ ସହିବାର କ୍ଷମତା ବୃଦ୍ଧି ହୋଇଥାଏ ଓ ଫସଲର ପରବର୍ତ୍ତୀ ସମୟରେ ଦେଖା ଦେଉଥିବା ଘାସକୁ ଦମନ କରିଥାଏ । ସାଧାରଣତଃ ଏହା ବୁଣିବାର ୧୫ ରୁ ୩୦ ଦିନ ମଧ୍ୟରେ ପ୍ରୟୋଗ କରାଯାଏ, ଯଥା - କ୍ୱିଜାଲୋଫପ ଇଥାଇଲ ।

**କ୍ଷେତ ଫସଲରେ ବିଭିନ୍ନ ରାସାୟନିକ ତୃଣନାଶକ ଔଷଧର ପ୍ରୟୋଗ**

| ରାସାୟନିକ ନାମ | ବଜାରରେ ମିଳୁଥିବା ନାମ | ହେକ୍ଟର ପ୍ରତି ଆବଶ୍ୟକ ମାତ୍ରା (ମି.ଲି./ଗ୍ରାମ୍) | ବୁଣିବା ଠାରୁ ବ୍ୟବହାର ଦିନ | ଦମନ ହୋଇ ପାରୁଥିବା ଘାସ |
|---|---|---|---|---|
| **(୧) ଧାନ** | | | | |
| **ଶୁଖିଲା ବୁଣା ଧାନ** | | | | |
| ୨,୪ - ଡ଼ି.ଇ.ଇ | ଚମ୍ପିଆନ | ୧୩୦୦-୧୭୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| | ସ୍ଲାସ | ୨୦୦୦-୨୬୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| ସାଇହାଲୋଫପ-ବ୍ୟୁଟାଇଲ | କ୍ଲିନେହେର | ୭୦୦-୯୦୦ | ୨୫-୩୦ | ଘାସ |
| ବୁଟା କ୍ଲୋର | ମାଚେଟ୍ | ୨୦୦୦-୩୦୦୦ | ୬-୭ | ଚଉଡ଼ା ଓ ବୁଦା |
| ଆଜିମ୍-ସଲଫ୍ୟୁରୋନ | ସେଗମେଣ୍ଟ | ୭୦ | ୨୦ | ଘାସ, ଚଉଡ଼ା ଓ ବୁଦା |
| ଅକ୍ସାଡ଼ାଇଆର୍ଜିଲ | ଟପଷ୍ଟାର | ୧୧୨ | ୦-୩ | ଘାସ |
| ଅକ୍ସିଫ୍ଲୋରୋଫେନ୍ | ଜାରଗନ, ଅକ୍ସିଗୋଲ୍ଡ, ଗୋଲ | ୬୩୮-୧୦୬୪ | ୦-୬ | ଘାସ |
| ପ୍ରିଟିଲାକ୍ଲୋର | ରିଫିଟ୍ | ୧୫୦୦ | ୩-୭ | ଘାସ, ଚଉଡ଼ା |

| | | | | |
|---|---|---|---|---|
| ପାଇରାଜୋ ସଲଫ୍ୟୁରୋନ୍ | ସାଥି | ୨୫୦ | ୨୦-୨୫ | ଚଉଡ଼ା, ବୁଦା |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, ଷ୍ଟମ୍ପ ପାଉଲ | ୨୫୦୦-୩୩୩୦ | ୬-୭ | ଚଉଡ଼ା, ବୁଦା |
| କ୍ଲୋରିମ୍ୟୁରୋନ+ ମେଟ୍ ସଲଫ୍ୟୁରୋନ୍ ମିଥାଇଲ | ଆଲ୍‌ମିକ୍ସ | ୪୦ | ୧୫-୨୦ | ଚଉଡ଼ା, ବୁଦା, ଘାସ |
| ବିସ୍‌ପାଇରିବାକ୍ ସୋଡ଼ିୟମ | ନୋମିନି ଗୋଲ୍ଡ ଫୁଜି ସୁପର | ୨୫୦ | ୨୦ | ଚଉଡ଼ା, ଘାସ, ବୁଦା |
| **କାଦୁଆ ବୁଣା** | | | | |
| ୨,୪ - ଡ଼ି.ଇ.ଇ | ଟମ୍ପିଆନ | ୧୩୦୦-୧୬୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| | ସ୍ମାସ | ୨୦୦୦-୨୬୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| ସାଇହାଲୋଫପ ବ୍ୟୁଟାଇଲ | କ୍ଲିନେହେର | ୭୦୦-୯୦୦ | ୨୫-୩୦ | ଘାସ |
| ଅକ୍ସାଡ଼ାଇଆର୍ଜିଲ | ଟପଷ୍ଟାର | ୧୧୨ | ୦-୩ | ଘାସ |
| ପ୍ରିଟିଲାକ୍ଲୋର | ରିଫିଟ୍ | ୧୫୦୦ | ୩-୭ | ଘାସ, ଚଉଡ଼ା |
| ପାଇରାଜୋ-ସଲଫ୍ୟୁରୋନ୍ | ସାଥି | ୨୫୦ | ୨୦-୨୫ | ଚଉଡ଼ା, ବୁଦା |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, ଷ୍ଟମ୍ପ, ପାଉଲ | ୨୫୦୦-୩୩୩୦ | ୬-୭ | ଚଉଡ଼ା, ବୁଦା |
| କ୍ଲୋରିମ୍ୟୁରୋନ + ମେଟ୍ ସଲଫ୍ୟୁରୋନ୍ ମିଥାଇଲ | ଆଲ୍‌ମିକ୍ସ | ୪୦ | ୧୫-୨୦ | ଚଉଡ଼ା, ବୁଦା, ଘାସ |
| ବିସ୍‌ପାଇରିବାକ୍ | ନୋମିନି ଗୋଲ୍ଡ | ୨୫୦ | ୨୦ | ଚଉଡ଼ା, ଘାସ, |

| | | | | |
|---|---|---|---|---|
| ସୋଡ଼ିୟମ | ଫୁଜି ସୁପର | | | ବୁଦା |
| **ବୁଆ ଧାନ** | | | | |
| ୨,୪ - ଡ଼ି.ଇ.ଇ | ଚମ୍ପିଆନ | ୧୩୦୦-୧୭୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| | ସ୍ଲାସ | ୨୦୦୦-୨୬୦୦ | ୨୦-୨୫ | ଚଉଡ଼ା ଓ ବୁଦା |
| ବେନ୍‌ସନଲ୍‌ଫ୍ଲୁରୋନ୍ | ଲଣ୍ଡାକ୍ସ | ୧୦୦୦୦ | ୩-୭ | ଘାସ, ଚଉଡ଼ା |
| ମିଥାଇଲ୍ (୦.୬%) | ପାଓ୍ୱାର | | | ଓ ବୁଦା |
| + ପ୍ରିଟିଲାକ୍ଲୋର (୬%) | | | | |
| ଆଜିମ୍- | ସେଗ୍‌ମେଣ୍ଟ | ୭୦ | ୨୦ | ଘାସ, ଚଉଡ଼ା |
| ସଲ୍‌ଫ୍ୟୁରୋନ୍ | | | | ଓ ବୁଦା |
| ସାଇହାଲୋଫପ | କ୍ଲିନେହେର | ୭୦୦-୯୦୦ | ୨୫-୩୦ | ଘାସ |
| ବ୍ୟୁଟାଇଲ | | | | |
| ଅକ୍ସାଡ଼ାଇଆର୍ଜିଲ | ଟପଷ୍ଟାର | ୧୧୨ | ୦-୩ | ଘାସ |
| ଅକ୍ସିଫ୍ଲୋରୋଫେନ୍ | ଜାରଗନ୍ | ୬୩୮-୧୦୬୪ | ୦-୬ | ଘାସ |
| | ଅକ୍ସିଗୋଲ୍ଡ ଗୋଲ | | | |
| ପ୍ରିଟିଲାକ୍ଲୋର | ରିଫିଟ୍ | ୧୫୦୦ | ୩-୭ | ଘାସ, ଚଉଡ଼ା |
| | | | | ପତ୍ର |
| ପାଇରାଜୋ- | ସାଥି | ୨୫୦ | ୮-୧୦ | ଚଉଡ଼ା, ବୁଦା |
| ସଲଫ୍ୟୁରୋନ୍ | | | | |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, | ୨୫୦୦-୩୩୩୦ | ୬-୭ | ଚଉଡ଼ା, ବୁଦା |
| | ଷ୍ଟମ୍ପ, ପାଉଲ | | | |
| କ୍ଲୋରିମ୍ୟୁରୋନ | ଆଲ୍‌ମିକ୍ସ | ୪୦ | ୧୫-୨୦ | ଚଉଡ଼ା, ବୁଦା, |
| + ମେଟ୍ | | | | ଘାସ |
| ସଲଫ୍ୟୁରୋନ୍ ମିଥାଇଲ | | | | |
| ବିସ୍‌ପାଇରିବାକ୍ | ନୋମିନି ଗୋଲ୍ଡ | ୨୫୦ | ୨୦ | ଚଉଡ଼ା, ଘାସ, |

| | | | | |
|---|---|---|---|---|
| ସୋଡ଼ିୟମ | ଫୁଜି ସୁପର | | | ବୁଦା |
| ଇଥୋକ୍ସି- ସଲଫ୍ୟୁରୋନ୍ | ସନ୍‌ରାଇଜ୍ | ୧୫୦ | ୧୦-୧୫ | ଚଉଡ଼ା ପତ୍ର, ବୁଦା |

**(୨) ଗହମ**

| | | | | |
|---|---|---|---|---|
| ୨.୪ ଡ଼ି. ଇ. ଇ | ଚମ୍ପିଆନ | ୬୮୦-୧୦୦୦ | ୩୦-୩୫ | ଚଉଡ଼ା ପତ୍ର, ଘାସ ଓ ବୁଦା |
| | ସ୍ଲାସ | ୧୦୦୦-୧୫୦୦ | ୩୦-୩୫ | ଚଉଡ଼ା ପତ୍ର, ଘାସ ଓ ବୁଦା |
| କାରଫେନ୍‌ଟ୍ରୋଜୋନ୍ | ଆଫିନିଟି | ୫୦ | ୨୫-୩୦ | ଚଉଡ଼ା ପତ୍ର |
| କ୍ଲୋଡ଼ିନା ଫପ୍ | ଟପିକ୍ | ୪୦୦ | ୨୫-୩୦ | ଘାସ |
| ମେଟ୍ରିବୁଜିନ୍ | ସେନ୍‌ସର | ୨୫୦-୩୦୦ | ୩୦-୩୫ | ଚଉଡ଼ା ପତ୍ର |
| ଫେନାକ୍ସାପ୍ରୋପ | ପୁମା ସୁପର | ୧୦୦୦-୧୨୦୦ | ୨୫-୩୫ | ଚଉଡ଼ା ପତ୍ର |
| | ଉଇପ୍ ସୁପର | ୧୦୦୦-୧୨୦୦ | ୨୫-୩୫ | ଚଉଡ଼ା ପତ୍ର |
| ମେଟ୍ ସଲଫ୍ୟୁରୋନ ମିଥାଇଲ | ଆଲ୍‌ଗ୍ରିପ୍ | ୨୦-୩୦ | ୨୫-୩୦ | ଚଉଡ଼ା ପତ୍ର ଓ ବୁଦା |
| ପେଣ୍ଡି ମିଥାଲିନ୍ | ପେଣ୍ଡିଗୋଲ୍ଡ | ୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ସଲ୍‌ଫସ- ଲ୍‌ଫ୍ୟୁରୋନ୍ | ଏସ୍.ଏଫ୍.-୧୦ | ୩୩ | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |
| ପାଇନୋସ୍କାଡ଼େନ୍ | ଆକ୍ସିଆନ୍ | ୭୮୪-୯୮୦ | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |
| ମେଟ୍ ସଲଫ୍ୟୁରୋନ୍ (୩%) + | ଆଟ୍‌ଲାଣ୍ଟିସ୍ | | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |
| ଆୟୋଡ଼ୋ ସଲଫ୍ୟୁରୋନ୍ ମିଥାଇଲ (୦.୬%) | | ୧୨+୨.୪ | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |

| | | | | |
|---|---|---|---|---|
| କ୍ଲୋଡ଼ିନାଫପ୍ (୧୫%) + ମେଟ୍ସଲଫ୍ୟୁରୋନ (୧%) | ଭେଷ୍ଟା | ୬୦+୪ | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |

**(୩) ମକା**

| | | | | |
|---|---|---|---|---|
| ୨.୪ ଡ଼ି. ଇ. ଇ | ଚମ୍ପିଆନ ସ୍ଲାସ | ୧୩୦୦ ୨୦୦୦ | ୨୦-୨୫ | ଚଉଡ଼ା ପତ୍ର ଓ ଘାସ |
| ଆଟ୍ରାଜିନ୍ | ଆଟ୍ରାଟାଫ୍ | ୧୫୦୦-୨୦୦୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ | ୩୩୩୦-୫୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |

**(୪) ମୁଗ/ ବିରି/ ହରଡ଼**

| | | | | |
|---|---|---|---|---|
| ଅକ୍ସାଡ଼ାଇଆଜୋନ୍ | ରୋନ୍ଷ୍ଟାର | ୧୦୦୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ଅକ୍ସିଫ୍ଲୁରୋଫେନ୍ | ଗୋଲ୍, ଜାରଗନ, ଅକ୍ସିଗୋଲ୍ଡ | ୪୨୫-୫୩୦ ୨୮୫-୩୬୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ପେଣ୍ଡିମେଥାଲିନ୍ | ପେଣ୍ଡିଗୋଲ୍ଡ, ପାଉଲ୍ | ୨୫୦୦-୩୩୩୦ ୧୯୫୦-୨୬୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| କ୍ୱିଜାଲୋଫପ୍ - ଇଥାଇଲ୍ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ |
| ଇମାଜିଥାପିର | ପରସ୍ୟୁଟ୍, ଫୁଜି ସୁପର, କ୍ଲାସ | ୧୦୦୦ | ୧୫-୨୦ | ଚଉଡ଼ା ପତ୍ର ଓ ଘାସ |

**(୫) ବିଲ ମଟର**

| | | | | |
|---|---|---|---|---|
| ମେଟ୍ରିବୁଜିନ୍ | ସେନ୍ସର | ୩୫୦-୪୨୫ | ୦-୩ | ଚଉଡ଼ା ପତ୍ର, ଘାସ ଓ ବୁଦା |

| | | | | |
|---|---|---|---|---|
| ଇମାଜିଥାପିର | ପରସ୍ୟୁଟ୍, ଫୁଜି ସୁପର, କ୍ଲାସ | ୧୦୦୦ | ୨୫-୩୦ | ଚଉଡ଼ା ପତ୍ର ଓ ଘାସ |

**(୬) କୋଳଥ**

| | | | | |
|---|---|---|---|---|
| ଅକ୍ସିଫ୍ଲୋରୋପେନ୍ | ଜାରଗନ, ଗୋଲ୍ଡ | ୧୦୦୦-୧୨୦୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ପେଣ୍ଡିମେଥାଲିନ୍ | ପେଣ୍ଡିଗୋଲ୍ଡ, ପାଉଲ | ୨୫୦୦-୩୩୩୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| କ୍ୱିଜାଲୋଫପ ଇଥାଇଲ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ |
| କ୍ଲୋଡ଼ିନା ଫପ୍ ମିଥାଇଲ | ଟପିକ୍ | ୪୦୦ | ୨୦-୨୫ | ଘାସ |

**(୬) ଚିନାବାଦାମ**

| | | | | |
|---|---|---|---|---|
| ଇମାଜିଥାପିର | ପରସ୍ୟୁ, ଫୁଜି ସୁପର, କ୍ଲାସ୍ | ୧୦୦୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ଅକ୍ସାଡ଼ାଇଆଜୋନ୍ | ରୋନ୍ଷ୍ଟାର | ୩୦୦୦ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ଅକ୍ସିଫ୍ଲୋରଫେନ୍ | ଜାରଗନ, ଗୋଲ୍ଡ ଅକ୍ସିଗୋଲ୍ଡ | ୧୦୬୩-୧୨୭୬ | ୦-୩ | ଚଉଡ଼ା ପତ୍ର ଓ ଘାସ |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, ପାଉଲ | ୨୫୦୦-୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| କ୍ୱିଜାଲୋଫପ୍ ଇଥାଇଲ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ ଜାତୀୟ |
| ଟ୍ରାଇଫ୍ଲୁରାଲିନ୍ | କ୍ଲିଅର | ୨୦୦୦ | ବୁଣିବା ପୂର୍ବରୁ (୦-୩) | ଘାସ ଓ ଚଉଡ଼ା ପତ୍ର |

## (୭) ସୂର୍ଯ୍ୟମୁଖୀ

| | | | | |
|---|---|---|---|---|
| ବୁଟାକ୍ଲୋର | ମାଚେଟ୍ | ୨୦୦୦-୩୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ଅକ୍ସାଡ଼ାଇଆଜୋନ୍ | ରୋନ୍‌ଷ୍ଟାର | ୨୦୦୦-୪୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ଅକ୍ସିଫ୍ଲୋରଫେନ୍ | ଜାରଗନ,ଗୋଇ, ଅକ୍ସିଗୋଲ୍ଡ | ୧୦୬୩ | ୦-୩ | ଘାସ ଓ ଚଉଡା ପତ୍ର |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ ପାଉଲ | ୨୫୦୦-୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ଟ୍ରାଇଫ୍ଲୁରାଲିନ୍ | କ୍ଲିଅର | ୨୦୦୦ | ବୁଣିବା ପୂର୍ବରୁ | ଘାସ ଓ ଚଉଡ଼ା ପତ୍ର |

## (୮) ସୋରିଷ

| | | | | |
|---|---|---|---|---|
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ ପାଉଲ | ୨୫୦୦-୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ଆଇସୋ ପ୍ରୋଟୁରୋନ୍ | ରେକର୍ଡ୍ | ୧୦୦୦-୧୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| | ଆରେଲୋନ୍ | ୧୫୦୦-୨୦୦୦ | | |
| ଅକ୍ସାଡ଼ାଇଆଜୋନ୍ | ରୋନ୍‌ଷ୍ଟାର | ୨୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| କ୍ୱିଜାଲୋଫପ୍ ଇଥାଇଲ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ ଜାତୀୟ |

## (୯) ରାଶି

| | | | | |
|---|---|---|---|---|
| ଆଇସୋପ୍ରୋଟୁରୋନ୍ | ରେକର୍ଡ଼ | ୧୩୩୦-୨୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| | ଆରେଲୋନ୍ | ୨୦୦୦-୩୦୦୦ | | |
| ଅକ୍ସାଡ଼ାଇଆଜୋନ୍ | ରୋନ୍‌ଷ୍ଟାର | ୨୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| କ୍ୱିଜାଲୋଫପ୍ ଇଥାଇଲ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ ଜାତୀୟ |

## (୧୦) ଅଳସୀ/ ପେଶୀ

| | | | | |
|---|---|---|---|---|
| ଅକ୍ସାଡ଼ାଇଆଜୋନ୍ | ରୋନ୍‌ଷ୍ଟାର | ୨୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, ପାଉଲ | ୨୫୦୦-୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| କ୍ୱିଜାଲୋଫପ୍ ଇଥାଇଲ | ଟାରଗା ସୁପର | ୮୦୦-୧୦୦୦ | ୧୫-୨୦ | ଘାସ ଜାତୀୟ |

## (୧୧) ଝୋଟ

| | | | | |
|---|---|---|---|---|
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ, ପାଉଲ | ୨୫୦୦-୩୩୩୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ଫେନୋକ୍ସାପ୍ରୋପ-ପି. ଇଥାଇଲ | ପୁମା ସୁପର ଉଇପ ସୁପର | ୧୦୦୦ | ୨୫ | ଘାସ ଜାତୀୟ |
| କ୍ୱିଜାଲୋଫପ୍ ଇଥାଇଲ | ଟାରଗା ସୁପର | ୧୦୦୦ | ୨୫ | ଘାସ ଜାତୀୟ |

### (୧୨) ଆଖୁ

| | | | | |
|---|---|---|---|---|
| ୨.୪- ଡ଼ି. ଇ. ଇ | ଚମ୍ପିଆନ ସ୍ଲାସ୍ | ୧୭୫୦-୨୬୩୦ | ୩୦-୩୫ | ଚଉଡ଼ା ପତ୍ର ଓ ବୁଦା |
| ଆଟ୍ରାଜିନ୍ | ଆଟ୍ରାଟାଫ୍ | ୪୦୦୦ | ୦-୫ | ଘାସ ଓ ଚଉଡ଼ା ପତ୍ର |
| ଡ଼ାଇ ଇଉରୋନ୍ | କ୍ଲାସ | ୧୮୭୫ | ୦-୫ | ଘାସ ଓ ଚଉଡ଼ା |
| ଗ୍ଲାଇଫୋସେଟ୍ | ରାଉଣ୍ଡ ଅପ୍ | ୨୪୪୦ | ଗଜାହେବା | ସମସ୍ତ ଘାସ ଓ |
| | ଗ୍ଲାଇସେଲ | ୪୯୫୦ | ପରେ | ଫସଲ |
| ମେଟ୍ରିବ୍ୟୁଜିନ୍ | ସେନ୍ସର | ୧୪୨୮-୨୧୪୨ | ୩-୫ | ଚଉଡ଼ା ପତ୍ର ଓ |
| ପାରାକ୍ୟୁଏଟ୍ | ଗ୍ରାମୋକ୍ସୋନ୍ | ୨୦୦୦ | ଗଜା ହେବା ପରେ | ବୁଦା |

### (୧୩) କପା

| | | | | |
|---|---|---|---|---|
| ବ୍ୟୁଟାକ୍ଲୋର | ମାଚେଟ୍ | ୨୦୦୦-୨୫୦୦ | ୩-୪ | ଘାସ ଓ ଚଉଡ଼ା ପତ୍ର |
| ଅକ୍ସାଡ଼ାଇଆଜୋନ୍ | ରୋନ୍ଷ୍ଟାର | ୨୦୦୦-୩୦୦୦ | ୦-୩ | ଘାସ ଓ ଚଉଡ଼ା ପତ୍ର |
| ପାଇରିଥିଓବାକ୍ ସୋଡ଼ିୟମ | ଥ୍ରିମ୍ | ୭୫୦ | ୨୦-୩୦ | ଚଉଡ଼ା ପତ୍ର |
| ପେଣ୍ଡିମିଥାଲିନ୍ | ପେଣ୍ଡିଗୋଲ୍ଡ ପାଉଲ | ୩୩୩୦-୫୦୦୦ | ୦-୩ | ଘାସ, ଚଉଡ଼ା ପତ୍ର |
| ଗ୍ଲୁଫୋସିନେଟ୍ | ବାସ୍ତା, ଲିବର୍ଟୀ | ୩୩୩୦ | ୨୫-୩୦ | ଘାସ, ଚଉଡ଼ା ପତ୍ର ଓ ବୁଦା |
| ଟ୍ରାଇଫ୍ଲୁରାଲିନ୍ | କ୍ଲିଅର | ୧୦୦୦-୨୦୦୦ | ବୁଣିବା ପୂର୍ବରୁ | ଘାସ ଓ ଚଉଡ଼ା ପତ୍ର |

## ତୃଣନାଶକ ଔଷଧ ପ୍ରୟୋଗ ସମୟରେ ସତର୍କତା

- ଫସଲ ଲଗାଇବା ପୂର୍ବରୁ ଜମିର ମାଟି ଭଲଭାବରେ ସମତଳ ହୋଇଥିବା ଆବଶ୍ୟକ ।
- ତୃଣନାଶକ ଔଷଧ ସିଞ୍ଚନ କଲାବେଳେ ଜମିର ମାଟି ଓଦା ଥିବା ଉଚିତ୍ ।
- ପ୍ରୟୋଗ କରିବା ପୂର୍ବରୁ ତୃଣନାଶକ ଔଷଧକୁ ପ୍ରଥମେ ଅଳ୍ପ ପାଣିରେ ଭଲଭାବରେ ମିଶାଇ ତାପରେ ଆବଶ୍ୟକୀୟ ପରିମାଣ ( ହେକ୍ଟର ପ୍ରତି ୫୦୦ ଲିଟର) ଜଳ ରେ ମିଶାଇ ପ୍ରୟୋଗ କରାଯାଏ ।
- ଫ୍ଲାଟ୍ ଫ୍ୟାନ ନୋଜଲ୍ ଲାଗିଥିବା ସ୍ପ୍ରେୟାର ଦ୍ୱାରା ଔଷଧ ସିଞ୍ଚନ କରାଯାଏ ।
- ଔଷଧକୁ ଅନ୍ଧାରିଆ ଜାଗାରେ ପିଲା ଛୁଆଙ୍କଠାରୁ ଦୂରରେ ରଖିବା ଉଚିତ୍ ।
- ଔଷଧକୁ ଜମିର ସବୁଆଡ଼େ ସମାନ ଭାବରେ ଓ ଭଲଭାବରେ ସ୍ପ୍ରେ କରିବା ଆବଶ୍ୟକ ।
- ଘାସ ଗଜା ହେବା ପୂର୍ବରୁ ଔଷଧ ପକାଇଥିଲେ ଔଷଧ ପକାଇବାର ୧ ମାସ ପର୍ଯ୍ୟନ୍ତ ମାଟିକୁ କୋଡ଼ା ଖୁସା କରିବା ଅନୁଚିତ୍ ।
- ସ୍ପ୍ରେ କରିବା ସମୟରେ ଆଖିରେ ଚଷମା ଓ ନାକରେ ମୁଖା ବ୍ୟବହାର କରିବା ଉଚିତ୍ ।

-XXX-

## (କ) ଏକବୀଜପତ୍ରୀ ଘାସ



ସୁଆଁ



କାଉ ଗୋଡ଼ିଆ



ବଣ ମାଣ୍ଡିଆ



କଙ୍କଡ଼ା ଗୋଡ଼ିଆ




ରେଗେଡ଼ା



କୋଦୋ

## (ଖ) ବୁଦା ଜାତୀୟ ଘାସ



ମୁଥା



ଗାଇଚିରା

## (ଗ) ଦ୍ୱିବୀଜପତ୍ରୀ ଘାସ



ଲହଙ୍ଗା



କଣ୍ଟା ଲେଉଟିଆ



ପଥର ଛଟା



ଅଣ ସୋରିଷ



ମଦରଙ୍ଗା



ପୋକ ସୁଙ୍ଗା

## (ଘ) ପାଣିରେ ବଢୁଥିବା ଘାସ



ବିଲାତି ଦଳ



ସୁନୁସୁନିଆ


ଯୋଗାଯୋଗ :

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ସ୍ଥାନ: ପଞ୍ଚମହଲା, ପୋ: ହୁଲୁରିସିଂହା, ଜିଲ୍ଲା: ଅନୁଗୋଳ-୭୫୯୧୩୨, ଓଡ଼ିଶା

ଦୂରଭାଷ : ୦୬୭୬୪-୨୧୧୯୫୭